ରାଜସ୍ଥାନ ରାଜ୍ୟ

ବନାମ

ଶ୍ରୀ ଉମରାଓ ସିଂହ

ସେପ୍ଟେମ୍ବର 29, 1994

[ମୁଖ୍ୟ ନ୍ୟାୟଧୀଶ, ଏମ୍.ଏନ୍. ଭେଙ୍କଟଚଲିଆ ଏବଂ ନ୍ୟାୟମୂର୍ତ୍ତି, ଏସ୍. ମୋହନ]

*ସେବା ଆଇନ - ରାଜସ୍ଥାନ ସରକାରୀ କର୍ମଚାରୀ (ସେବାରେ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ) ଙ୍କ ନିର୍ଭରଶୀଳମାନଙ୍କ ନିଯୁକ୍ତି ନିୟମ, 1975 : ନିୟମ 5 ।*

*ସହାନୁଭୂତିଶୀଳ ନିଯୁକ୍ତି - ନିଯୁକ୍ତି ପରେ ଉଚ୍ଚତର ପଦବୀ ପାଇଁ ଦାବି - ଥରେ ଏକ ପଦବୀ ଗ୍ରହଣ କରାଯିବା ପରେ ବିଚାର ହେବାର ଅଧିକାର ସମାପ୍ତ ହୁଏ - ଉଚ୍ଚତର ପଦବୀ ପାଇଁ ଆଉ କୌଣସି ପରବର୍ତ୍ତୀ କିମ୍ବା ଦ୍ୱିତୀୟ ଥର ବିଚାର କରାଯିବ ନାହିଁ - ଉଚ୍ଚ ପଦବୀ ପାଇଁ ଦାବି ଉପରେ ବିଚାର କରିବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ନ୍ୟାୟସଙ୍ଗତ ନୁହେଁ ।*

*କାର୍ଯ୍ୟ ଓ ପ୍ରକ୍ରିୟା : ଉଚ୍ଚ ନ୍ୟାୟାଳୟଙ୍କ ବିରୁଦ୍ଧରେ ଅପିଲ - ପ୍ରଶାସନିକ ଆବଶ୍ୟକତା କାରଣରୁ ଅପିଲ ଦାଖଲ କରିବାରେ ବିଳମ୍ବ - ଯଥୋଚିତ ସ୍ପଷ୍ଟୀକରଣ ଦିଆଯାଇଛି ଏବଂ କ୍ଷମା କରାଯାଇଛି ।*

**ଉତ୍ତରଦାତାଙ୍କ ପିତା ସି.ଆଇ.ଡି. (ବିଶେଷ ଶାଖା) ର ସବ-ଇନ୍ସପେକ୍ଟର ଭାବରେ କାର୍ଯ୍ୟ କରୁଥିବାବେଳେ ମୃତ୍ୟୁ ବରଣ କରିଥିଲେ । ତେଣୁ, ଉତ୍ତରଦାତାଙ୍କୁ ଅନୁକମ୍ପା ଭିତ୍ତିରେ ନିମ୍ନ ବିଭାଗ ଉତ୍ତରଦାତା କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା । ଉକ୍ତ ନିଯୁକ୍ତିକୁ ସ୍ୱୀକାର କରିବା ପରେ ସେ ସବ୍-ଇନ୍ସପେକ୍ଟର ଭାବରେ ନିଯୁକ୍ତି ମାଗିଥିଲେ କିନ୍ତୁ ତାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ସେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ରାଜସ୍ଥାନ ସରକାରୀ କର୍ମଚାରୀ (ଚାକିରିରେ ଥିବାବେଳେ ମୃତ୍ୟୁ) ଙ୍କ ବିଭାଗର ନିଯୁକ୍ତି ନିୟମ, 1975 ର ନିୟମ 5 ର ପ୍ରାବଧାନ ଅନୁଯାୟୀ ସବ୍-ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ପାଇଁ ତାଙ୍କ ପ୍ରାର୍ଥୀତ୍ୱ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅପିଲକାରୀ-ରାଜ୍ୟ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ସମ୍ମୁଖରେ ଏକ ବିଶେଷ ଅପିଲ ଆଗତ କରିଥିଲେ ଯାହା ବିଳମ୍ବ କାରଣରୁ ଖାରଜ ହୋଇଯାଇଥିଲା । ଏହି ନ୍ୟାୟାଳୟରେ ହୋଇଥିବା ଅପିଲରେ ଅପିଲକାରୀ-ରାଜ୍ୟ ତରଫରୁ ଯୁକ୍ତି କରାଯାଇଥିଲା ଯେ (i) ଖଣ୍ଡପୀଠ ଦ୍ୱାରା ବିଳମ୍ବକୁ କ୍ଷମା କରିବାରେ ବିଫଳତା ଗୁରୁତର ଅନ୍ୟାୟରେ ପରିଣତ ହୋଇଛି; (ii) ଉତ୍ତରଦାତା କିରାଣୀ ଭାବରେ ନିଯୁକ୍ତି ଗ୍ରହଣ କରି ସବ୍-ଇନ୍ସପେକ୍ଟରଙ୍କ ଉଚ୍ଚତର ପଦବୀ ପାଇଁ ଆଉ ଦାବି କରିପାରିବେ ନାହିଁ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1. ପ୍ରଶାସନିକ ଆବଶ୍ୟକତା କାରଣରୁ ହୋଇଥିବା ବିଳମ୍ବକୁ କ୍ଷମା କରିବାରେ ବିଫଳତା ଅନ୍ୟାୟରେ ପରିଣତ ହୋଇଛି କାରଣ ଏକକ ବିଚାରପତିଙ୍କ ରାୟ ଏକ ଅନୁଚିତ ଉଦାହରଣ ସୃଷ୍ଟି କରେ । ତେଣୁ, ବିଳମ୍ବକୁ କ୍ଷମା କରାଯାଇଛି ।**

**2. ଉତ୍ତରଦାତା ଏଲ.ଡି.ସି. ଭାବରେ ନିଯୁକ୍ତିକୁ ସ୍ୱୀକାର କରିଥିଲେ । ତେଣୁ, ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ବିଚାର ହେବାର ତାଙ୍କର ଅଧିକାର ସମାପ୍ତ ହୋଇଥିଲା । ଥରେ ଅଧିକାର ସମାପ୍ତ ହୋଇଗଲେ ଅନୁକମ୍ପା ଆଧାରରେ କୌଣସି ଉଚ୍ଚତର ପଦବୀ ପାଇଁ ଆଉ ପରବର୍ତ୍ତୀ କିମ୍ବା ଦ୍ୱିତୀୟ ବିଚାର ହେବ ନାହିଁ । ଅନ୍ୟଥା, ଏହା ଏକ 'ଅନ୍ତହୀନ ଅନୁକମ୍ପା' ର ମାମଲା ହେବ ।**

**3. ସବ୍-ଇନ୍ସପେକ୍ଟର କିମ୍ବା ଆରକ୍ଷୀ ଭାବରେ ନିଯୁକ୍ତ ହେବାର ଯୋଗ୍ୟତା ଗୋଟିଏ କଥା, ଚୟନ ପ୍ରକ୍ରିୟା ଆଉ ଏକ କଥା । କେବଳ ତଥାକଥିତ ଯୋଗ୍ୟତାକୁ ଆଧାର କରି, ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ଏହି ମତରେ ପହଞ୍ଚିଥିଲେ ଯେ, ରାଜସ୍ଥାନ ସରକାରୀ କର୍ମଚାରୀ (ସେବାକାଳୀନ ମୃତ୍ୟୁ ଘଟିଲେ) ନିର୍ଭରଶୀଳମାନଙ୍କ ନିଯୁକ୍ତି ନିୟମ, 1975 ର ନିୟମ 5 ର ପ୍ରାବଧାନ ଅନୁଯାୟୀ ନିର୍ଦ୍ଦେଶ ଜାରି କରାଯିବା ଉଚିତ, କିନ୍ତୁ ଯାହାର ଏହି ମାମଲାର ତଥ୍ୟ ଉପରେ କୌଣସି ପ୍ରୟୋଗ ନାହିଁ । ଯଦିଓ ଏହି ନିର୍ଦ୍ଦେଶ କେବଳ ଉତ୍ତରଦାତାଙ୍କ ମାମଲା ଉପରେ ବିଚାର କରିବା ପାଇଁ ଥିଲା, ତଥାପି ସବ୍-ଇନ୍ସପେକ୍ଟର ପଦବୀ ପାଇଁ ଉତ୍ତରଦାତାଙ୍କ ପ୍ରାର୍ଥୀତ୍ୱ ଉପରେ ଅଧିକ ବିଚାର କରିବାକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଆଇନଗତ ଭାବରେ ନ୍ୟାୟସଙ୍ଗତ ନଥିଲେ ।**

*ହରିୟାଣା ରାଜ୍ୟ ବନାମ ନରେଶ କୁମାର ବାଲି* **JT [1994] 4 SC 184; ଉପରେ ନିର୍ଭରଶୀଳ ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 6492/94 ।

ଡି.ବି.ଏସ୍.ଏ. 481/1993 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ 20.9.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅରୁଣେଶ୍ୱର ଗୁପ୍ତା ।

ଉତ୍ତରଦାତାଙ୍କ ପାଇଁ ସୁଶୀଲ କୁମାର ଜୈନ ।

**ନ୍ୟାୟମୂର୍ତ୍ତି, ମୋହନଙ୍କ** ଦ୍ୱାରା ନ୍ୟାୟାଳୟର ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା ।

ଅନୁମତି ପ୍ରଦାନ କରାଗଲା ।

ତଥ୍ୟଗୁଡ଼ିକ ସଂକ୍ଷିପ୍ତ ଓ ସୀମିତ ପରିସରରେ ରହିଛି ।

ଉତ୍ତରଦାତାଙ୍କ ପିତା ସି.ଆଇ.ଡି. (ସ୍ୱତନ୍ତ୍ର ଶାଖା) ର ଜଣେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିବା ସମୟରେ 1984 ମସିହାରେ ମୃତ୍ୟୁବରଣ କରିଥିଲେ । ଉତ୍ତରଦାତା ସହାନୁଭୂତିଶୀଳ ଆଧାରରେ ନିଯୁକ୍ତି ପାଇଁ

ଅପିଲକାରୀଙ୍କ ନିକଟରେ ଆବେଦନ କରିଥିଲେ । ତାଙ୍କୁ ସହାନୁଭୂତି ଭିତ୍ତିରେ ତା 14.12.1989 ରିଖରେ ନିମ୍ନ ବିଭାଗ କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା । ଏଲ୍.ଡି.ସି. ଭାବେ ନିଯୁକ୍ତି ଗ୍ରହଣ କରିବା ପରେ ସେ ସବ୍-ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଁ ଦାବି କରିଥିଲେ । ଏହାକୁ ଅସ୍ୱୀକାର କରାଯାଇଥିଲା । ଏହି ପ୍ରତ୍ୟାଖ୍ୟାନ ଦ୍ୱାରା ବ୍ୟଥିତ ହୋଇ ସେ ଏସ୍.ବି.ସି.ଡବ୍ଲୁ.ପି. ସଂଖ୍ୟା 3875/1992 ଆଗତ କରିଥିଲେ । ତା 6.8.1992 ରିଖର ରାୟ ଅନୁଯାୟୀ, ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତି ରାଜସ୍ଥାନ ସରକାରୀ କର୍ମଚାରୀ (ସେବା କାଳୀନ ମୃତ୍ୟୁ)ଙ୍କ ନିର୍ଭରଶୀଳଙ୍କ ନିଯୁକ୍ତି ନିୟମାବଳୀ, 1975 (ଏହା ପରେ 'ନିୟମାବଳୀ' ଭାବରେ ସୂଚିତ) ର ନିୟମ 5 ପ୍ରବଧାନ ଅନୁଯାୟୀ ସବ୍-ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ପାଇଁ ତାଙ୍କ ପ୍ରାର୍ଥୀତ୍ୱ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାୟର ତାରିଖ ଠାରୁ ଛଅ ମାସ ମଧ୍ୟରେ ଏହି ବିଚାର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ରାୟର ଯଥାର୍ଥତା ଦର୍ଶାଇ, ଅପିଲକାରୀଙ୍କ ଦ୍ୱାରା ବିଶେଷ ଅପିଲ ସଂଖ୍ୟା 481/1993 ଦାଖଲ କରାଯାଇଥିଲା । ଏହାକୁ 112 ଦିନର ବିଳମ୍ବ ଆଧାରରେ ଖାରଜ କରାଯାଇଥିଲା । ତେଣୁ, ବର୍ତ୍ତମାନର ଦେୱାନୀ ଅପିଲଟି ।

ଅପିଲକାରୀ ରାଜ୍ୟ ତରଫରୁ ଦୁଇଟି ବିକଳ୍ପ ଯୁକ୍ତି ରହିଛି :

(i) ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ କେବଳ ବିଳମ୍ବ କାରଣରୁ ଅପିଲକୁ ଖାରଜ କରି ଭୁଲ କରିଥିଲେ । ପ୍ରଶାସନିକ ଆବଶ୍ୟକତା କାରଣରୁ ଏପରି ବିଳମ୍ବ ହୋଇଥିଲା ଯାହାକୁ ସଠିକ୍ ଭାବରେ ବ୍ୟାଖ୍ୟା କରାଯାଇଛି । ବିଳମ୍ବକୁ କ୍ଷମା କରିବାରେ ବିଫଳତା ଗୁରୁତର ଅନ୍ୟାୟରେ ପରିଣତ ହୋଇଛି ।

(ii) ଯୋଗ୍ୟତା ଆଧାରରେ, ଅପିଲକାରୀଙ୍କ ପାଖରେ ଏକ ଭଲ ମାମଲା ରହିଛି । ପ୍ରାୟ ସମାନ ପରିସ୍ଥିତିରେ, ଏହି ନ୍ୟାୟାଳୟ *ହରିୟାଣା ରାଜ୍ୟ ବନାମ ନରେଶ କୁମାର ବାଲି*, JT 1994 (4) SC 184 ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁକମ୍ପା ଭିତ୍ତିକ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ଉପରେ ବିଚାର କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ବାତିଲ କରିଥିଲେ, ଯେତେବେଳେ କି ଏଭଳି ଅନୁକମ୍ପା ଆଧାରରେ, ପ୍ରାର୍ଥୀଙ୍କୁ କିରାଣୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହି ମାମଲାରେ ରାୟର ନିଷ୍ପତ୍ତି ସ୍ପଷ୍ଟ ଭାବେ ଲାଗୁ ହେବ । ଯେତେବେଳେ ଉତ୍ତରଦାତା ଜଣେ କିରାଣୀ ଭାବେ ନିଯୁକ୍ତିକୁ ସ୍ୱୀକାର କରିନେଇଥିଲେ, ଯାହା ସହାନୁଭୂତି ଭିତ୍ତିରେ କରାଯାଇଥିଲା, ସେ ସବ୍-ଇନ୍ସପେକ୍ଟର ଭାବରେ ନିଯୁକ୍ତି ପାଇଁ ଆଉ ଦାବି କରିପାରିବେ ନାହିଁ । ଏହା ସବୁ ସମୟ ପାଇଁ ସହାନୁଭୂତିର ମାମଲା ହୋଇପାରିବ ନାହିଁ । ନିୟମାବଳୀର ପ୍ରାବଧାନ 5 ଅନୁଯାୟୀ ରାୟ ତାରିଖ ଠାରୁ ଛଅ ମାସ ମଧ୍ୟରେ ଉତ୍ତରଦାତାଙ୍କ ମାମଲା ବିଚାର କରାଯିବା ଆବଶ୍ୟକ ବୋଲି ବିଦ୍ୱାନ ଏକକ ବିଚାରପତି ନିର୍ଦ୍ଦେଶ ଦେବାରେ ଭୁଲ କରିଛନ୍ତି ।

ଏହାର ବିରୋଧ କରି, ଉତ୍ତରଦାତାଙ୍କ ବିଦ୍ୱାନ ଓକିଲ ଅନୁରୋଧ କରିଥିଲେ ଯେ ଯେହେତୁ ଅପିଲକାରୀ ରାଜ୍ୟ 112 ଦିନର ବିଳମ୍ବକୁ ସଠିକ୍ ଭାବରେ ବ୍ୟାଖ୍ୟା କରିନଥିଲା, ନ୍ୟାୟାଳୟ ଅପିଲକୁ ଖାରଜ କରିବାକୁ ଉପଯୁକ୍ତ ବୋଲି ବିବେଚନା କରିଥିଲେ । ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ନିଜ ସମ୍ପତ୍ତିରେ ନିହିତ କ୍ଷେତ୍ରାଧିକାରିତା କ୍ଷେତ୍ରକୁ ପ୍ରୟୋଗ କରିଥିଲା ।

ଯୋଗ୍ୟତା ଆଧାରରେ, ଏହା ଯୁକ୍ତି ଦିଆଯାଇଛି ଯେ, ଅପିଲକାରୀଙ୍କ ପକ୍ଷରେ କୌଣସି ମାମଲା ନାହିଁ । ବାସ୍ତବରେ, ଯେଉଁ ରାୟ ଉପରେ ଅପିଲକାରୀଙ୍କ ଦ୍ୱାରା ନିର୍ଭରଶୀଳ ହେବାକୁ ଚେଷ୍ଟା କରାଯାଇଛି, ତାହା ହିଁ ଉତ୍ତରଦାତାଙ୍କୁ ସମର୍ଥନ କରୁଛି । ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିଚାର ପାଇଁ କେବଳ ଏକ ନିର୍ଦ୍ଦେଶ ଜାରି କରାଯିବା ଉଚିତ, ନିଯୁକ୍ତି ପାଇଁ ନିର୍ଦ୍ଦେଶ ନୁହେଁ । ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ଠିକ୍ ତାହା ହିଁ କରାଯାଇଛି । ନିର୍ଦ୍ଦେଶ ଅନୁଯାୟୀ ବିଚାର କରିବା ଏବଂ କୌଣସି ନା କୌଣସି ଉପାୟରେ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ରାଜ୍ୟ ପାଇଁ ଉନ୍ମୁକ୍ତ । ବରଂ ଏହା ଏକ ବିଳମ୍ବିତ ଅପିଲ ଥିଲା । ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ ।

ଏହା ଏପରି ଏକ ମାମଲା ଯେଉଁଥିରେ ଏକକ ବିଚାରପତିଙ୍କ ରାୟ ବିରୋଧରେ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠରେ ବିଶେଷ ଅପିଲ 112 ଦିନ ବିଳମ୍ବିତ ହୋଇଥିଲା । ଆମେ ଦେଖୁଛୁ ଯେ ପ୍ରଶାସନିକ ଆବଶ୍ୟକତା କାରଣରୁ ଏହି ବିଳମ୍ବ ହୋଇଥିଲା । ବିଳମ୍ବକୁ କ୍ଷମା କରିବାରେ ବିଫଳତା ଅନ୍ୟାୟରେ ପରିଣତ ହୋଇଛି ଯାହା ଅପିଲକାରୀ ରାଜ୍ୟ ତରଫରୁ ସଠିକ୍ ଭାବରେ ଯୁକ୍ତି କରାଯାଇଛି କାରଣ ବିଦ୍ୱାନ ଏକକ ବିଚାରପତିଙ୍କ ରାୟ ଏକ ଖରାପ ଉଦାହରଣ ସ୍ଥାପନ କରେ । ତେଣୁ, ବିଳମ୍ବକୁ ଆମେ କ୍ଷମା କରୁଛୁ । ଆମେ ଏହି ମାମଲାକୁ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠକୁ ପଠାଇବା ପରିବର୍ତ୍ତେ ଯୋଗ୍ୟତା ଆଧାରରେ ନିଷ୍ପତ୍ତି ନେବା ପାଇଁ ଅଗ୍ରସର ହେଉଛୁ । ଏପରି କରିବାର ଆବଶ୍ୟକତା ନିମ୍ନୋକ୍ତ ବିଷୟଗୁଡ଼ିକରୁ ସ୍ପଷ୍ଟ ହେବ ।

> ସ୍ୱୀକାରଯୋଗ୍ୟ ଯେ ଉତ୍ତରଦାତାଙ୍କ ପିତା ସି.ଆଇ.ଡି. (ସ୍ୱତନ୍ତ୍ର ଶାଖା) ର ସବ୍-ଇନ୍ସପେକ୍ଟର ଭାବରେ କାର୍ଯ୍ୟ କରୁଥିବାବେଳେ ତା 16.3.1988 ରିଖରେ ମୃତ୍ୟୁ ବରଣ କରିଥିଲେ । ଖାଲି ସ୍ଥାନର ଉପଲବ୍ଧତା ଅନୁଯାୟୀ ସବ୍-ଇନ୍ସପେକ୍ଟର କିମ୍ବା ଏଲ୍.ଡି.ସି. ଭାବରେ ଅନୁକମ୍ପା ଆଧାରରେ ତାଙ୍କ ନିଯୁକ୍ତି ପାଇଁ ଉତ୍ତରଦାତା ତା 8.4.1988 ରିଖରେ ଏକ ଆବେଦନ ଦାଖଲ କରିଥିଲେ । ତାଙ୍କ ଆବେଦନ ଉପରେ ବିଚାର କରି, ତାଙ୍କୁ ତା 14.12.1989 ରିଖର ଆଦେଶ ଦ୍ୱାରା ଏଲ୍.ଡି.ସି. ପଦବୀରେ ନିଯୁକ୍ତ କରାଯାଇଥିଲା । ସେ ଏଲ୍.ଡି.ସି. ଭାବେ ନିଯୁକ୍ତିକୁ ସ୍ୱୀକାର କରିଥିଲେ, ତେଣୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ବିଚାର କରିବାର ଅଧିକାର ସମାପ୍ତ ହୋଇଥିଲା । ସହାନୁଭୂତିଶୀଳ ଆଧାରରେ ଆଉ କେବେ ବିଚାର କରାଯିବ ନାହିଁ । ଅନ୍ୟଥା, ଏହା ଏକ 'ଅନ୍ତହୀନ ସହାନୁଭୂତି' ର ମାମଲା ହେବ । ଆରକ୍ଷୀ ସବ୍-ଇନ୍ସପେକ୍ଟର ଭାବରେ ନିଯୁକ୍ତ ହେବାର ଯୋଗ୍ୟତା ଗୋଟିଏ କଥା, ଚୟନ ପ୍ରକ୍ରିୟା ଆଉ ଏକ କଥା । କେବଳ ତଥାକଥିତ ଯୋଗ୍ୟତା କାରଣରୁ ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ଏକକ ବିଚାରପତିଙ୍କୁ ଏହି ମତକୁ

ପ୍ରବର୍ତ୍ତାଯାଇଥିଲା ଯେ ଏହି ମାମଲାର ତଥ୍ୟ ଉପରେ କୌଣସି ପ୍ରୟୋଗ ନଥିବା ନିୟମାବଳୀର ନିୟମ 5 ର ପ୍ରାବଧାନ ଅନୁଯାୟୀ ନିର୍ଦ୍ଦେଶ ଜାରି କରାଯିବ ।

ଯେହେତୁ ଉଭୟ ପକ୍ଷ *ନରେଶ କୁମାର ବାଲିଙ୍କ ମାମଲା* (ଉପରୋକ୍ତ) ଉପରେ ନିର୍ଭର କରିଥିଲେ, ଆମେ ବର୍ତ୍ତମାନ ସେହି ବିଷୟରେ ଉଲ୍ଲେଖ କରିବୁ । ଉକ୍ତ ରାୟର ଅନୁଚ୍ଛେଦ 15 ରେ ସେହି ରାୟରେ ଆମେ ଆମର ଦୃଷ୍ଟିକୋଣ ସୂଚିତ କରିଥିଲୁ । ଏହା ନିମ୍ନରେ ପଢାଗଲା :

"ଯଦିଓ ଉତ୍ତରଦାତା ଦାବି କରିଥିଲେ ଯେ ସେ ଜଣେ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିଲେ, ଅଧସ୍ତନ ସେବା ଚୟନ ପରିଷଦ ତାଙ୍କୁ ଶିକ୍ଷକ ପଦବୀ ପାଇଁ ଚୟନ କରିନଥିଲା କାରଣ ତାଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ନଥିଲା । ବାସ୍ତବରେ, ଉତ୍ତରଦାତା କିରାଣୀ ଭାବରେ ତାଙ୍କ ନିଯୁକ୍ତିକୁ ବିରୋଧ କରିନଥିଲେ ଏବଂ ଶିକ୍ଷକ ପଦବୀ ପାଇଁ ବିଚାର ପାଇଁ ତାଙ୍କର ଦାବି ତାଙ୍କ ନିଯୁକ୍ତିର ଏକ ବର୍ଷ ପରେ ଥିଲା । *ଏହିପରି, ଯୋଜନା ଅନୁଯାୟୀ ଅନୁକମ୍ପା ଆଧାରରେ ନିଯୁକ୍ତି ସମାପ୍ତ ହୋଇଥିଲା ।* (ଗୁରୁତ୍ୱ ପ୍ରଦାନ କରାଯାଇଛି)

ତେଣୁ, ଆମେ ପୂର୍ବରୁ ସୂଚାଇଥିବା ପରି ଥରେ ଅଧିକାର ସମାପ୍ତ ହୋଇଗଲେ, ସହାନୁଭୂତି ଆଧାରରେ ଏକ ଉଚ୍ଚ ପଦବୀ ପାଇଁ ଆଉ କିମ୍ବା ଦ୍ୱିତୀୟ ବିଚାର ଉତ୍ପନ୍ନ ହେବ ନାହିଁ ।

ଏହା ସତ୍ୟ ଯେ ଉକ୍ତ ନିଷ୍ପତ୍ତିରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ନିଯୁକ୍ତି ପାଇଁ ଏକ ସକାରାତ୍ମକ ନିର୍ଦ୍ଦେଶ ଥିଲା, କିନ୍ତୁ ଏଠାରେ ଏହି ମାମଲାର ବିଚାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତଥାପି, ଆମେ ଦେଖୁଛୁ ଯେ ସବ୍-ଇନ୍ସପେକ୍ଟର ପଦବୀ ପାଇଁ ଉତ୍ତରଦାତାଙ୍କ ପ୍ରାର୍ଥୀତ୍ୱ ଉପରେ ଅଧିକ ବିଚାର କରିବାକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଆଇନଗତ ଭାବରେ ନ୍ୟାୟସଙ୍ଗତ ନଥିଲେ । ଦେୱାନୀ ଅପିଲକୁ ଅନୁମତି ଦିଆଯାଉଛି ଏବଂ ନିମ୍ନ ନ୍ୟାୟାଳୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶଗୁଡ଼ିକୁ ଅଲଗାଇ ଦେଇ ଉତ୍ତରଦାତାଙ୍କ ଆଜ୍ଞାଦେଶ ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>*ଭାଷାନ୍ତର :*</u>
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।